
ଭଦ୍ରାଣୀ ସମ୍ମାନ ସମାରୋହ
୨୦୨୩
ସ୍ବପ୍ନ-ସାହିତ୍ୟ ସମ୍ମାନ (ତରୁଣ ବର୍ଗ)
ଡଃ ଗୌରୀଶଙ୍କର ସାହୁ
ଆସିଷ୍ଟାଣ୍ଟ ପ୍ରଫେସର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ
ହିମାଚଳ ପ୍ରଦେଶ, ଧର୍ମଶାଳା
ଭଦ୍ରାଣୀ ପରିବାର, ଭଦ୍ରକ
ଭଦ୍ରାଣୀ
ଡଃ ଗୌରୀଶଙ୍କର ସାହୁ
ଆସିଷ୍ଟାଣ୍ଟ ପ୍ରଫେସର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ହିମାଚଳ ପ୍ରଦେଶ, ଧର୍ମଶାଳା
ଆପଣ ଭଦ୍ରାଣୀ ସମ୍ମାନ ସମାରୋହ - ୨୦୨୩ରେ
ଯୋଗଦାନପୂର୍ବକ 'ସ୍ବପ୍ନ-ସାହିତ୍ୟ ସମ୍ମାନ' ଗ୍ରହଣ କରିଥିବାରୁ
ଆମେ କୃତଜ୍ଞ।
(ମୀନୁ ଦ୍ବିବେଦୀ)
ଅଧ୍ୟକ୍ଷା, ଭଦ୍ରାଣୀ ଟ୍ରଷ୍ଟ
ପ୍ରତିଷ୍ଠାତା ସଭାପତି

## ଭଗବାନ ଦ୍ୱିବେଦୀଙ୍କ ସ୍ମୃତିରେ ଭଦ୍ରାଣୀ ସମ୍ମାନ ସମାରୋହ

# ‘ପ୍ରେମ ସଂଶ୍ଳିଷ୍ଟ ସେବା ହିଁ ମାଧବ ସେବା’




ଭଦ୍ରକ,୨୩।୧୨(ସପ୍ର): ପୁଣ୍ୟଶ୍ଳୋକ ଭଗବାନ ଦ୍ୱିବେଦୀଙ୍କ ସମଗ୍ର ଜୀବନ ସେବା ଓ ପ୍ରେମରେ ସମର୍ପିତ ଥିଲା। ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ପରେ ତାଙ୍କ ଜୀବନମାର୍ଗ ଆହୁରି ପ୍ରଶସ୍ତ ହୋଇଗଲା ବୋଲି ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଭଗବାନ ଦ୍ୱିବେଦୀଙ୍କ ସ୍ମୃତିରେ ଆୟୋଜିତ ‘ଭଦ୍ରାଣୀ ସମ୍ମାନ’ ସମାରୋହରେ ମୁଖ୍ୟଅତିଥି ସାରସ୍ୱତ ସ୍ରଷ୍ଟା ତଥା ଅତିବଡ଼ି ସମ୍ମାନରେ ବିଭୂଷିତ ଡ. ରାମଚନ୍ଦ୍ର ବେହେରା ମତବ୍ୟକ୍ତ କରିଛନ୍ତି। ଏହି ସମାରୋହରେ ‘ଆଦୃତା ଶିଶୁ ସଦନ’ର ପ୍ରତିଷ୍ଠାତା ତ୍ରିପୁରା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଦିତ୍ୟ କୁମାର ମହାନ୍ତିଙ୍କୁ ‘ଭଦ୍ରାଣୀ ସେବା ସମ୍ମାନ’ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଡ. ବେହେରା, ପ୍ରଫେସର ମହାନ୍ତିଙ୍କୁ ଶ୍ରୀମଦ୍‌ଭଗବଦ୍‌ଗୀତାରେ ବର୍ଣ୍ଣିତ ଜ୍ଞାନ, କର୍ମ, ଭକ୍ତି, ସେବା ଓ ସମର୍ପଣର ମଧୁର ସମନ୍ୱୟ ଭାବେ ଅଭିହିତ କରିବା ସହ ଯେଉଁ ସଦ୍ୟଜାତ ଶିଶୁ କନ୍ୟାମାନଙ୍କୁ ପରିବାର ଗୋଡ଼ରେ ଏଡ଼ାଇ ଦେଇଥାଏ ସେହିମାନଙ୍କୁ ‘ଆଦୃତା ଶିଶୁ ସଦନ’ କୋଳେଇ ନେଇ କିପରି ଲାଳନପାଳନ କରିଥାଏ, ତାହାର ଝଲକ ପ୍ରଦାନ କରିଥିଲେ। ସମାରୋହରେ ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ.ଗୌରୀଶଙ୍କର ସାହୁଙ୍କୁ ଉଦୀୟମାନ ପ୍ରତିଭାବନ୍ତ ସ୍ତମ୍ଭକାର ଭାବେ ‘ଭଦ୍ରାଣୀ ସ୍ତମ୍ଭ ସାହିତ୍ୟ ସମ୍ମାନ - ତରୁଣବର୍ଗ’ ପ୍ରଦାନ କରାଯାଇଛି। ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ ନାୟକ ସମାରୋହର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ, ବଡଲା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପିକା ଡ. ମମତା ସାହୁ ମଞ୍ଚ ପରିଚାଳନା କରିଥିଲେ। ସମାରୋହରେ ଡା ହରେକୃଷ୍ଣ ନାୟକ, ରବୀନ୍ଦ୍ର ନାୟକ, ଦୁର୍ଯ୍ୟୋଧନ ଦାସ, ଶଶଧର ଦାସ, ଅଜୟ ନାୟକ, ଶୁଭ୍ରପ୍ରକାଶ ଦାସ, ମଦନ ପଣ୍ଡା ପ୍ରମୁଖ ଭଦ୍ରକର ଶତାଧିକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିବାବେଳେ ଭଦ୍ରାଣୀ ଟ୍ରଷ୍ଟର ଅଧ୍ୟକ୍ଷା ମୀନୁ ଦ୍ୱିବେଦୀ, ସାଇଗୀତା, ସାଇକୁମାର, ସତ୍ୟଜିତ, ମାନାଲି ସଭା ପରିଚାଳନା କରିଥିଲେ।